# ଶ୍ରୀ ଶ୍ରୀ ମା'ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ,ଯାଜପୁର

E-mail ID-mbttb@maabiraja.com/maabirajattb@gmail.com
Ph- 06728-223900/Website-www.maabiraja.com

ନଂ- ୬୨ ତା- ୨୦.୦୩-୨୦୨୫ ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଶ୍ରୀ ଶ୍ରୀ ମା'ବିରଜା ମନ୍ଦିର ବେଢାମଧ୍ୟସ୍ଥ ଦୀପକର୍ପୁର ଦୋକାନ ନଂ୧ ଆସନ୍ତାତା ୧୮.୦୩.୨୦୨୫ ରିଖ ଦି ୧୧ ଘଟିକା ସମୟରେ ଉପ-ଜିଲ୍ଲାପାଳ ଯାଜପୁରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ୨୦୨୫-୨୦୨୬ବର୍ଷ ନିମନ୍ତେ ପ୍ରକାଶ୍ୟ ନିଲାମ କରାଯିବ, ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକବ୍ୟକ୍ତି ନିର୍ଦ୍ଧାରିତ ସ୍ଥାନ,ତାରିଖ ଓ ସମୟରେ ଉପସ୍ଥିତରହି ନିଲାମରେ ଅଂଶଗ୍ରହଣ କରିପାରିବେ ଏବଂ ଏଥିସହ ସଂଯୁକ୍ତ ସମସ୍ତ ସର୍ତ୍ତାବଳୀ ମାନିବାକୁ ବାଧ୍ୟହେବେ ନଚେତ ତାଙ୍କଦ୍ୱାରା ଦାଖଲହୋଇଥିବା ଅମାନତରାଶିକୁ ଯେକୌଣସି ସମୟରେ ବାଜ୍ୟାପ୍ତି କରାଯାଇପାରିବ । ଯଦି ଦୀପକର୍ପୁର ଦୋକାନ ନଂ୧ ତା ୧୮.୦୩.୨୦୨୫ ରିଖ ଦିନ ନିଲାମ ହୋଇ ନପାରିବ ତା ୨୬.୦୩.୨୦୨୫ ରିଖ ସମାନ ସମୟ ଓ ସ୍ଥାନରେ ପୁନଃ ନିଲାମ ଅନୁଷ୍ଠିତ ହେବ ।

ଯଦି ତା ୨୬.୦୩.୨୦୨୫ ରିଖ ଦିନ ନିଲାମ ହୋଇନପାରିବ ତାହା ପୁନଃ ନିଲାମ ତା ୨୯.୦୩.୨୦୨୫ ରିଖ ସମାନ ସମୟ ଓ ସ୍ଥାନ ଠାରେ ଅନୁଷ୍ଠିତ ହେବ ।

| କ୍ର.ନଂ | ୨୦୨୫-୨୦୨୬ ବର୍ଷପାଇଁ ହେବାକୁଥିବା ଉତ୍ସରନାମ | ଅପସେଟ ମୂଲ୍ୟ (ଟଙ୍କାରେ) (Upset price) | ଅମାନତଜମା ୧୦% (ଟଙ୍କାରେ) | ଅମାନତଜମା ଦାଖଲପାଇଁ ତାରିଖ | ସମ୍ପୃକ୍ତ ନିଲାମ ପାଇଁ ଇସ୍ତାହାର ସଂଲଗ୍ନ କରାଗଲା |
|---|---|---|---|---|---|
| ୧ | ଦୀପକର୍ପୁର ଦୋକାନ ନଂ-୧ | ୧୯,୩୬,୦୦୦/- | ୧,୯୩,୬୦୦/- | ନିଲାମ ତାରିଖ ପୂର୍ବଦିନ | ସଂଲଗ୍ନ |

ପରିପତ୍ରସଂଖ୍ୟା- ୬୩(୫) ତାରିଖ- ୨୦.୩-୨୦୨୫

ଏହାରଏକକିତାନକଲ ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପ-ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲ କାର୍ଯ୍ୟାଳୟ, ଯାଜପୁର ନୋଟିସ ବୋର୍ଡ / ନିର୍ବାହୀଅଧିକାରୀ ଯାଜପୁର ପୌରପାଳିକାଙ୍କ କାର୍ଯ୍ୟାଳୟ ନୋଟିସବୋର୍ଡ ଓ ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତିନିମନ୍ତେ ପ୍ରକାଶ କରାଗଲା ।

୨୦.୩.୨୫

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

ପରିପତ୍ରସଂଖ୍ୟା- ୬୪ ତାରିଖ- ୨୦.୩.୨୦୨୫

ଏହି ବିଜ୍ଞାପନକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ୱେବ୍‌ସାଇଟ୍‌ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୨୦.୩.୨୫

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

Scanned with OKEN Scanner

# ସର୍ତ୍ତାବଳୀ

## ଦୀପ,କର୍ପୁରଦୋକାନ-୧

୧. ଉପରୋକ୍ତ ଦୀପ,କର୍ପୁର ଦୋକାନ ନିମନ୍ତେ୧୦% ଅମାନତ ରାଶିସ୍ୱରୂପ ଅର୍ଥ ଟ୧,୯୩,୬୦୦/- Managing Trustee Maa Biraja Temple, Jajpur (Payable at State Bank of India, Jajpur Town Branch, IFSC 0000094) (Branch Code-00094) ଙ୍କ ନାମରେ Demand draft ନିଲାମ ତାରିଖ ପୂର୍ବଦିନ Managing Trustee Maa Biraja Temple, Jajpur ଙ୍କ ଅଫିସରେ ଦାଖଲ ଦେଇ ରସିଦ ହାସଲକରି ନିଲାମ ଡାକରେ ଅଂଶ ଗ୍ରହଣ କରିପାରିବେ। ନଚେତ ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ।

୨. ଉପରୋକ୍ତ ନିଲାମ ନିମନ୍ତେ ସର୍ବନିମ୍ନଟଙ୍କା ଟ ୧୯,୩୬,୦୦୦/- ଧାର୍ଯ୍ୟକରାଯାଇଛି।

୩. ମନ୍ଦିରର କୈଣସିଦେୟ ବାକିରଖିଥିବା ବ୍ୟକ୍ତି ବା ତାଙ୍କ ସମ୍ପର୍କୀୟ ଉକ୍ତ ନିଲାମରେ ଭାଗନେଇପାରିବେ ନାହିଁ।

୪. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧହେବ ସେ ଉକ୍ତଦିନ ନିଲାମ ମୂଲ୍ୟର ଶତକଡା ୯୦%ଭାଗ ଅର୍ଥ SBI. Jajpur town main Branch AC.NO-11308945546 / IFSC 0000094) (Branch Code-00094) ରେ RTGS/NEFT ମାଧ୍ୟମରେ ଜମାଦେଇ ମନ୍ଦିର କାର୍ଯ୍ୟାଳୟରୁ ରସିଦ ହାସଲ କରିବେ ଓ ଅବଶିଷ୍ଟ ୧୦% ଅର୍ଥ ତା ୩୧.୧୨.୨୦୨୫ ରିଖ ସୁଦ୍ଧା ମନ୍ଦିର କାର୍ଯ୍ୟାଳୟରେ ଦାଖଲ କରେବେ।

୫. ନୀଲାମଧାରୀ ନିଜଖର୍ଚ୍ଚରେ ଏକଏକରାରନାମା ପ୍ରସ୍ତୁତିକରି ମନ୍ଦିରର ସମସ୍ତ ସର୍ତ୍ତାବଳୀ ମାନ ଲିପିବଦ୍ଧ କରି ନିମ୍ନସାକ୍ଷର କାରିଙ୍କ ନିକଟରେ ୭ଦିନ ମଧ୍ୟରେ ଦାଖଲ କରିବେ।

୬. ଯଦିକୈଣସି କାରଣରୁ ନିଲାମଧାରୀ ନିଲାମଟଙ୍କା ପୈଠକରିବାରେ ତ୍ରୁଟିକରନ୍ତି ତେବେତାଙ୍କଦ୍ୱାରା ଦାଖଲ ଅମାନତ ରାଶିକୁ ବାଯ୍ୟାପ୍ତି କରାଯିବ ଓ ତାଙ୍କ ତଳକୁ ଥିବା ବ୍ୟକ୍ତିଙ୍କ ଡାକକୁ ବିଚାରକୁ ନିଆଯିବ /ପୁନିନିଲାମ କରାଯିବ/ବିକଳ୍ପବ୍ୟବସ୍ଥା ଗ୍ରହଣ କରାଯିବ (କିପ୍ରକାର ବିକଳ୍ପବ୍ୟସ୍ଥାଗ୍ରହଣ କରାଯିବ ତାହାମୁଖ୍ୟ ପରିଚାଳକ ସ୍ଥିରକରି ଆବଶ୍ୟକ ପଦକ୍ଷେପନେବେ।)

୭. କେବଳଅମାନତ ଜମାକାରୀଙ୍କ ବ୍ୟତିତ ଅନ୍ୟକୌଣସି ବ୍ୟକ୍ତି ନିଲାମସ୍ଥାନରେ ଉପସ୍ଥିତ ରହିପାରିବେନାହିଁ।

୮. ସର୍ବୋପରି କୌଣସି କାରଣ ନଦର୍ଶାଇ ଉକ୍ତନିଲାମକୁ ନାକଚକରିବାର ସମସ୍ତକ୍ଷମତା ନିମ୍ନସାକ୍ଷରକାରୀଙ୍କର ଅଛି।

୯. ସାମଗ୍ରୀର ମୂଲ୍ୟସୂଚୀ ଟ୍ରଷ୍ଟବୋର୍ଡଦ୍ୱାରା ନିର୍ଦ୍ଧାରିତହେବ ଓ ଏକମୂଲ୍ୟତାଲିକା ଦୋକାନ ସମ୍ମୁଖରେ ଝୁଲାଇବେ।

୧୦. ଅମାନତ ଦେୟ ବର୍ଷ ଶେଷରେ ଫେରସ୍ତ ନେବେ।

୧୧. ନୂତନ ଭାବେ ତିଆରି ହୋଇଥିବା ଦୀପ କର୍ପୁର ଦୋକାନକୁ ନିଲାମ କରାଯିବ। ନିଲାମ ଧାରୀ କୌଣସି ଅଦାଲତର ଆଶ୍ରୟ ନେଇପାରିବେନାହିଁ। ନୀଲାମଧାରୀ ଏହି ସର୍ତ୍ତାବଳୀକୁ ମାନିବାକୁ ବାଧ୍ୟହେବେ।

୧୨.ମନ୍ଦିର ଟ୍ରଷ୍ଟବୋର୍ଡ ତରଫରୁ ଯେକୌଣସି ବ୍ୟକ୍ତିଙ୍କ ଉପରେ ପୂର୍ବରୁ କୌଣସି ଆପତ୍ତି ଅଭିଯୋଗ ଥିଲେ କିମ୍ବା ଏକାଧିକ ତାଗିଦ ନୋଟିସ ପାଇଥିବା ବ୍ୟକ୍ତି ନିଲାମରରେ ଭାଗନେଇପାରିବେ ନାହିଁ।

୧୩.ମା'ଙ୍କ ନିମନ୍ତେ ଅର୍ପଣ ଦୀପ ଗୁଡିକୁ ଓମଫେଡ ଘିଅରେ ପ୍ରସ୍ତୁତ କରି ଭକ୍ତ ମାନଙ୍କୁ ବିକ୍ରୟକରିବେ।

୧୪.ନୀଲାମଧାରୀ ଦୀପ,କର୍ପୁର ଦୋକାନ-୧ ବିକ୍ରୟ ସ୍ଥାନରେ ନିଜଖର୍ଚ୍ଚରେ ଏକମୂଲ୍ୟ ସୂଚୀ ବୋର୍ଡ ଲଗାଇବେ। ନିଲାମଧାରୀ ନିଲାମ ପ୍ରାପ୍ତିର ୭ଦିନମଧ୍ୟରେ ମୂଲ୍ୟସୂଚୀବୋର୍ଡ ନଲଗାନ୍ତି ତେବେ ଦିନ ପ୍ରତି ୫୦୦/-ଟଙ୍କା ଜୋରିମାନା ଆଦାୟ କରାଯିବ ଏବଂ ଯଦି୧ମାସ ଅବଧି ମଧ୍ୟରେ କାର୍ଯ୍ୟକାରୀ ନକରନ୍ତି ତେବେ ନିଲାମକୁ ରଦ୍ଦକରାଯିବ।

## ମୂଲ୍ୟସୂଚୀ

| ସାମଗ୍ରୀ ତାଲିକା | ଗୋଟାପ୍ରତି | ଅତିବଡ |
|---|---|---|
| ୧. ଦୀପ | ଟ୫/-ଙ୍କା, ଟ୧୦/-ଙ୍କା | ଟ୨୦/-ଙ୍କା, ଟ୫୦/-ଙ୍କା, |
| ୨. କର୍ପୁର | ଟ୫/-ଙ୍କା, ଟ୧୦/-ଙ୍କା | |
| ୩.ଧୂପକାଠି | ଟ୫/-ଙ୍କା, ଟ୧୦/-ଙ୍କା, ଟ୧୫/-ଙ୍କା | ଜିନିଷର ଆକାର ପ୍ରକାର ମୁତାବକ ମୂଲ୍ୟ |
| ୪. ଝୁଣା | | |
| ୫. ଶଙ୍ଖା | ଟ୩/-ଙ୍କା, ଟ୫/-ଙ୍କା, ୧୦/- | |
| ୬. ସିନ୍ଦୁର | ଟ୫/-ଙ୍କା | |
| ୭. ବ୍ରତ | ଟ୩/-,୫/-, ୧୦/- | |
| ୮. ଦେବପୂଜ୍ୟକପଡା | | |
| ୯. ଶାଢି ପଲିଷ୍ଟର- | ୧୦୦/-, ୧୫୦/- | |
| ୧୦. ଚୁନୁରୀ ବଡ- | ୫୦/-, ୧୦୦/-, ୨୦୦/- | |
| ୧୧.ଚୁନୁରୀ ଛୋଟ- | ୧୦/-, ୨୦/-, ୩୦/- | |
| ୧୨.ଶାଢି ସୂତା- | ୨୦୦/-,୨୫୦/-,୩୦୦/- | |
| ୧୩.ଫଟ- | ଟ୫/-,୧୦/-, ୨୦/- | |
| ୧୪. କସ୍ତୁରୀ- | ଟ୩/-,୫/-,୧୦/- | |
| ୧୫. ପିତ୍ତଳବଳା- | ଟ୧୦/-,୧୫/-,୨୦/- | |
| ୧୬.ମା'ଙ୍କ ଲକେଟ | ଟ୧୦/-, ୨୦/- | |

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

Scanned with OKEN Scanner